Chapter- 2

# 'ହଜିଲା ଦିନର କଥା'ର ସାରକଥା:

## STUDY NOTES

ସକାଳୁ ବୁଲା ଥିଲା ମଧୁବାବୁଙ୍କର ନିତିଦିନିଆ ଅଭ୍ୟାସ। ସେ ସବୁଦିନେ ମହାନଦୀ କୂଳେ କୂଳେ ଟିକେ ବୁଲି ଆସନ୍ତି। ବାହାରି ଯାଆନ୍ତି ପାହାନ୍ତି ପହରରୁ ଆଉ କଅଁଳ ଖରା ପଡ଼ିଲେ ଫେରି ଆସନ୍ତି। ଦିନେ ମଧୁବାବୁ ଫେରି ଦେଖିଲେ ମଇଳା କନ୍ଥା ପିନ୍ଧିଥିବା ସ୍ତ୍ରୀଲୋକମାନେ କାଖରେ କୁନି କୁନି ଛୁଆଙ୍କୁ ଧରି ଗିନା, ଗଡୁ, ଡାଳ ଧରି ଘର ଆଗରେ ଠିଆ ହୋଇଛନ୍ତି। ମଧୁବାବୁ ଆଶ୍ଚର୍ଯ୍ୟ ହୋଇ ସେମାନେ ଠିଆ ହେବାର କାରଣ ପଚାରିଲେ। ସେମାନେ ଘରର ଚାକର ସୁଦାମଠୁ କ୍ଷୀର ନେବା ପାଇଁ। ଏହା ଶୁଣି ମଧୁବାବୁ ରାଗିଗଲେ। ସୁଦାମକୁ ପଚାରିବାରୁ ସେ ମାନିଗଲା ଯେ ଘରର ବଳକା କ୍ଷୀର ବିକ୍ରିକରି ଯାହା ସେ ପଇସା ପାଏ, ସେଥିରେ ସେ ଗାଈଙ୍କ ଖାଦ୍ୟ କିଣେ। ଏହା ଶୁଣି ମଧୁବାବୁ ଗାଳି ଦେଇ ଆଜିଠୁ ଗରିବ ପିଲାଙ୍କୁ ମାଗଣାରେ କ୍ଷୀର ଦେବା ପାଇଁ ଆଦେଶ ଦେଲେ। ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା ଦେଖି ଯାହାଙ୍କ ପ୍ରାଣ ସର୍ବଦା କାନ୍ଦୁଥିଲା, ସେ କିପରି ଗରିବ ଲୋକଙ୍କୁ କ୍ଷୀର ବିକି ପାରିଥା'ନ୍ତେ।

ମଧୁବାବୁ ସେତେବେଳେ ଏକମାତ୍ର ଓଡ଼ିଆ ବାରିଷ୍ଟର ଥିଲେ। କଟକ ମିଶନ୍‌ରୋଡ଼ରେ ଥିବା ଶୈଳବାଳା ମହିଳା କଲେଜ ଥିଲା ତାଙ୍କର ବାସଭବନ। ସେହି ହତା ଭିତରେ ମଧୁସ୍ମୃତି କୋଠରୀରେ ମଧୁବାବୁଙ୍କ ସବୁ ଜିନିଷ ସାଇତା ହୋଇରହିଛି। ୧୯୦୫ ମସିହାରେ ସେ ''ଉତ୍କଳ ଟ୍ୟାନେରୀ'' ନାମରେ ଏକ ଜୋତା କାରଖାନା ସ୍ଥାପନ କରିଥିଲେ। ଦେଶ ବିଦେଶରେ ଏହାର ନାମ ଥିଲା। ସେଥିପାଇଁ କାମରେ ଖଇଚ ଦେଖିଲେ ସେ ବିଡ଼ାବିଡ଼ା ଜୋତା ପୋଡ଼ି ଦେଉଥିଲେ। ଶେଷ ସମୟରେ ମଧୁବାବୁ ଘୋର ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଲେ। କିନ୍ତୁ ସେ କେବେ ବିଚଳିତ ହୋଇନଥିଲେ।

ସେ ଥିଲେ ପ୍ରଥମ ଇଂରାଜୀ ପଢୁଆ ଏମ୍.ଏ., ପ୍ରଥମ ଓକିଲ, ପ୍ରଥମ ମନ୍ତ୍ରୀ, ପ୍ରଥମ ବିଲାତ ଯାତ୍ରୀ। ସେ ଥିଲେ ଯଥାର୍ଥରେ ଉତ୍କଳ ଗୌରବ।

### କେତୋଟି ନୂତନ ଶବ୍ଦ:

କାଳି ଅନ୍ଧାର - ଅତି ଭୋର

ପାଏ - କୌଣସି ଜିନିଷର ଚାରିଭାଗରୁ ଭାଗେ

ନିସ୍ତେଜ - ମଳିନ / ତେଜହୀନ

ଖଇଚ - ଦୋଷଯୁକ୍ତ

ଚୂନି - ଗୋଖାଦ୍ୟ

| | | |
|---|---|---|
| କୋତରା | - | ଅପରିଷ୍କାର |
| ଦୁର୍ଦ୍ଦଶା | - | ଖରାପ ଅବସ୍ଥା |
| ବୋଲହାକ | - | ଆଦେଶ ପାଳନ |
| ନୁଖୁରା | - | ତେଲ ନ ଲାଗିଥିବା |
| ଫୁଙ୍ଗୁଳା | - | ଲଙ୍ଗଳା |
| ଠାକରା | - | ଭିତରକୁ ପଶିଯାଇଥିବା ଗାଲ |
| ସଅଳ | - | ଶୀଘ୍ର |
| ହେପାଜତ୍ | - | ରକ୍ଷଣାବେକ୍ଷଣା |
| ଶଙ୍କିଯିବା | - | ଭୟ ପାଇବା |
| କାବା | - | ଆଶ୍ଚର୍ଯ୍ୟ |
| କସ୍ତା | - | ତନ୍ତବୁଣା |
| ଟେକ | - | ସୁନାମ |

୧. ଆସ କଥାବାର୍ତ୍ତା ହେବା ।

କ) ସକାଳ ବୁଲାରୁ ଫେରି ମଧୁବାବୁ କ'ଣ ଦେଖିଲେ ?

ଉ: ସକାଳ ବୁଲାରୁ ଫେରି ମଧୁବାବୁ ଦେଖିଲେ ଯେ, ତାଙ୍କ ହତା ଭିତରେ କେତେକ ସ୍ତ୍ରୀଲୋକ ମଇଳା ଲୁଗାପିନ୍ଧି ଦୁର୍ବଳ କୁନିକୁନି ଛୁଆଙ୍କୁ କାଖରେ ଜାକି ଠିଆ ହୋଇଛନ୍ତି ।

ଖ) ମଧୁବାବୁ ସୁଦାମ ଉପରେ କାହିଁକି ରାଗିଲେ ?

ଉ: ସୁଦାମ ତାଙ୍କ ଅଜାଣତରେ କ୍ଷୀର ବିକ୍ରି କରି ପଇସା ନେଉଛି ଏକଥା ଶୁଣି ମଧୁବାବୁ ସୁଦାମ ଉପରେ ରାଗିଗଲେ ।

ଗ) ସୁଦାମର କଥା ଶୁଣି ମଧୁବାବୁ କ'ଣ କହିଲେ ?

ଉ: ସୁଦାମର କଥାଶୁଣି ମଧୁବାବୁ ରାଗି କହିଲେ ଯେ, 'ମଧୁଦାସ ଶେଷରେ କ୍ଷୀର ବିକିବ ଏହି ଗରିବ ପିଲାମାନଙ୍କୁ ? ଗାଈଙ୍କର ଯଦି ଦାନା ଅଭାବ ହେଉଛି, ମୋତେ କହିଲ ନାହିଁ, ଖାଇବାକୁ ଦେଇ ନପାରିଲେ ଗାଈ ବିକିଦେବି ସିନା, କ୍ଷୀର ବିକିପାରିବି ନାହିଁ ।

ଘ) ଗରିବ ଲୋକମାନଙ୍କୁ କ୍ଷୀର ଦେବା ବିଷୟରେ ମଧୁବାବୁ ସୁଦାମକୁ କି ପରାମର୍ଶ ଦେଲେ ?

ଉ: ଗାଈ ଦୁହାଁଳ ଥିବା ପର୍ଯ୍ୟନ୍ତ କୋଠି ଖର୍ଚ୍ଚରୁ କାଟି ଗରିବ ଲୋକମାନଙ୍କୁ ମାଗଣାରେ କ୍ଷୀର ଦେବା ପାଇଁ ମଧୁବାବୁ ସୁଦାମକୁ ପରାମର୍ଶ ଦେଲେ ।

ODM EDUCATIONAL GROUP Changing your Tomorrow

ଙ) ମଧୁବାବୁଙ୍କର ଅଭାବ ଘଟିଲା କାହିଁକି ?

ଉ: ମଧୁବାବୁ ବସାଇଥିବା ଜୋତା କାରଖାନା 'ଉତ୍କଳ ଟ୍ୟାନେରୀ' ଦେଶ ବିଦେଶରେ ସୁନାମ ଅର୍ଜନ କରିଥିଲା। କାମରେ ଟିକେ ଖଇଚ଼ ଦେଖିଲେ ମଧୁବାବୁ ଓଡ଼ିଶା କିମ୍ବା ତା'ର କାରିଗର ବଦନାମ ନ ହେଉ, ସେଥିପାଇଁ ବିଡ଼ା ବିଡ଼ା ଜୋତା ପୋଡ଼ି ଦେଉଥିଲେ। ଫଳରେ ଟଙ୍କା ପଇସାର ଘୋର ଅଭାବ ଘଟିଲା।

୨. ବହିରେ ଥିବା ଯୋଡ଼ି ଶବ୍ଦକୁ ଖୋଜି ବାହାର କରି ଲେଖ।

ଉ: ଗୁହାଳ ଗୋବର, ବେଶପୋଷାକ
ନଡ଼ାପାଳ, ଦେଖାଶୁଣା
ଜଣାଶୁଣା, ଖାଇପିଇ
ବୋଲହାକ

୩. ଚକ୍ରକୁ ଦେଖ ଓ କିଏ କେଉଁ ଉପାଧିରେ ଭୂଷିତ ଲେଖ।

ମଧୁସୂଦନ ଦାସ- ଉତ୍କଳ ଗୌରବ
ଯଦୁମଣି ମହାପାତ୍ର- ଉତ୍କଳ ଘଣ୍ଟ
କୁନ୍ତଳା କୁମାରୀ ସାବତ- ଉତ୍କଳ ଭାରତୀ
ଗୋପବନ୍ଧୁ ଦାସ- ଉତ୍କଳମଣି
ହରେକୃଷ୍ଣ ମହତାବ- ଉତ୍କଳ କେଶରୀ
ପଦ୍ମଚରଣ ରାୟ- ଉତ୍କଳ ଭୀମ

୪. କେଉଁ ଶବ୍ଦର ଅର୍ଥ କ'ଣ ତାହା ପତ୍ରରୁ ଖୋଜି ବାହାର କରି ଲେଖ।

ତଲାସ- ଅନୁସନ୍ଧାନ କରିବା
ହେପାଜତ୍- ଯତ୍ନ ନେବା
ନିସ୍ତେଜ- ମଳିନ
କିଲ୍ଲା- ଗଡ

୫. ଉତ୍ତର ପାଇବା ପାଇଁ ଆସ ପ୍ରଶ୍ନ ତିଆରି କରି ଲେଖିବା।

କ) ଛୁଆଗୁଡ଼ିକ ଫୁଙ୍ଗୁଳା, ପତଳା ଓ ଦୁର୍ବଳ ଚେହେରାର ଥିଲେ।

ପ୍ର: ଛୁଆଗୁଡ଼ିକ ଦେଖିବାକୁ କିପରି ?

ଖ) ସୁଦାମର ଘର ବିଡ଼ାନାସୀରେ।

ପ୍ର: ସୁଦାମର ଘର କେଉଁଠି ?

ଗ) ଜୋତାଗୁଡ଼ିକ ଦେଶବିଦେଶକୁ ଚାଲାଣ ହେଉଥିଲା।

ପ୍ର: ଜୋତାଗୁଡ଼ିକ କେଉଁଠାକୁ ଚାଲାଣ ହେଉଥିଲା ?

ଘ) ୧୮୮୦ ମସିହାରେ ସେ କଲିକତା ଛାଡ଼ି କଟକ ଆସିଲେ।

ପ୍ର: ୧୮୮୦ ମସିହାରେ ସେ କଲିକତା ଛାଡ଼ି କେଉଁଠିକି ଆସିଲେ ?

ଙ) ଚାରି ପାଞ୍ଚମୁଠା ଖଇ ତାଙ୍କର ଅତି ପ୍ରିୟ ଜଳଖିଆ ଥିଲା।

ପ୍ର: ତାଙ୍କର ପ୍ରିୟ ଜଳଖିଆ କ'ଣ ଥିଲା ?

୬. ତଳେ ଲେଖାଥିବା ଅଂଶଗୁଡ଼ିକୁ ପଢ଼ି ଶୂନ୍ୟସ୍ଥାନ ପୂରଣ କର।

କ) ଆଖିରୁ ଜୁଳୁଜୁଳିଆ ପୋକ ବାହାରିବା।

ଖ) ଭୋକରେ ହଂସା ଉଡ଼ିଯିବା।

ଗ) ରାଗରେ ଦେହ ଜଳିଯିବା।

ଘ) ଘୃଣାରେ ନାକ ଟେକିବା।

ଙ) ଭକ୍ତିରେ ମୁଣ୍ଡ ନଇଁଯିବା।

୭. ଆସ ବାକ୍ୟଗଠନ କରିବା।

କ) ହିତ- ଶାଗ ଖାଇଲେ ଦେହର ହିତ ହୁଏ।

ଖ) ଫୂର୍ତ୍ତି- ସକାଳୁ ବୁଲିଲେ ମନ ଓ ଦେହ ଫୂର୍ତ୍ତି ରହେ।

ଗ) ସତେଜ- ପାଣି ଦେବାରୁ ଗଛଟି ସତେଜ ଦିଶୁଛି।

ଘ) ଦୁର୍ଦ୍ଦଶା- ଲୋକଟି ଚୋରି କରି ଖୁବ୍ ଦୁର୍ଦ୍ଦଶା ଭୋଗିଲା।

ଙ) ସଅଳ- ପିଲାଟି ସବୁଦିନ ସଅଳ ସ୍କୁଲକୁ ଆସେ।

୮. ତଳ ବାକ୍ୟଟି ପଢ଼। ସେହି ଅନୁସାରେ ଖାଲିସ୍ଥାନ ପୂରଣ କର।

କ) ମୁଁ ଘରେ ଗୋଡ଼ ଦେଉ ଦେଉ ଘଟଣାଟି ଜାଣିଗଲି।

ଖ) ସେ ଖେଳାଳିଟି ପେଣ୍ଡୁଟିକୁ ମାରୁ ମାରୁ ତଳେ ପଡ଼ିଗଲା।

ଗ) ଆଇ ମୋତେ ଗପଟି କହୁ କହୁ ଅଟକି ଗଲେ।

ଘ) ଭୀମ ମଣ୍ଡା ପିଠାତକ ଖାଉ ଖାଉ ସବୁ ଖାଇଦେଲା।

୯. 'କ' ସ୍ତମ୍ଭ 'ଖ' ସ୍ତମ୍ଭର ମିଳନ କର ଓ ନୂତନ ଶବ୍ଦଟି ଲେଖ।

| 'କ' | 'ଖ' | | |
|---|---|---|---|
| ଦାରୁଣ | ଲୁଗା | = | ଦାରୁଣ ଅଭାବ |
| କସ୍ତା | ମୁଣ୍ଡ | = | କସ୍ତା ଲୁଗା |
| ପ୍ରବେଶିକା | ଅନ୍ଧାର | = | ପ୍ରବେଶିକା ପରୀକ୍ଷା |
| କଅଁଳ | ହିତ | = | କଅଁଳ ଖରା |
| କାଳି | ପରୀକ୍ଷା | = | କାଳି ଅନ୍ଧାର |
| ନୁଖୁରା | ଅଭାବ | = | ନୁଖୁରା ମୁଣ୍ଡ |
| ଖରା | | | |

୧୦. ବନ୍ଧନୀ ମଧ୍ୟରେ ଥିବା ନାମଗୁଡ଼ିକ କାହାର ବାଛି ଲେଖ।

ଗୋଟିଏ ପଶୁର ନାମ - ଗାଈ
ଜଣେ ବ୍ୟକ୍ତିର ନାମ - ସୁଦାମ
ଗୋଟିଏ ସ୍ଥାନର ନାମ - କଟକ
ଏକ ପ୍ରକାର ଜୀବିକା ନାମ - ଓକିଲାତି
ଏକ ଭଲ ଗୁଣର ନାମ - ସହିଷ୍ଣୁତା

୧୧. ଫୁଲର ପାଖୁଡ଼ା ମଧ୍ୟରୁ ଗୋଟିଏ ଗୋଟିଏ କାମକୁ ବାଛି ଶୂନ୍ୟସ୍ଥାନ ପୂରଣ କର।

ସୁଦାମ ଗାଈମାନଙ୍କର ହେପାଜତ କରେ।
ସୁଦାମ ସବୁ ଜିନିଷର ତଦାରଖ କରେ।
ସୁଦାମ ବାବୁଙ୍କର ବୋଲହାକ କରେ।
ମଧୁବାବୁ ପ୍ରବେଶିକା ପରୀକ୍ଷାରେ ପାସ୍ କରିଥିଲେ।
ମଧୁବାବୁ ଜଳଖିଆରେ ଖଇ ଖାଉଥିଲେ।
ଉତ୍କଳ ଟ୍ୟାନେରୀରେ ଓଡ଼ିଆ କାରିଗରମାନେ ଜୋତା ତିଆରି କରୁଥିଲେ।

୧୨. ମଧୁବାବୁଙ୍କ ବିଷୟରେ ଯାହା ଜାଣିଲ ପାଞ୍ଚଟି ବାକ୍ୟରେ ଲେଖ।

ମଧୁବାବୁ ୧୮୪୮ ମସିହା ଏପ୍ରିଲ ମାସ ୨୮ ତାରିଖ ଦିନ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମ ହୋଇଥିଲେ। ୧୯୩୪ ମସିହା ଫେବୃୟାରୀ ୪ ତାରିଖ ଦିନ କଟକରେ ମୃତ୍ୟୁବରଣ କରିଥିଲେ। ମଧୁବାବୁ ଥିଲେ ଓଡ଼ିଶାର ପ୍ରଥମ ଇଂରାଜୀ ପଢୁଆ ଏମ୍.ଏ., ପ୍ରଥମ ଓକିଲ, ପ୍ରଥମ ମନ୍ତ୍ରୀ, ପ୍ରଥମ ବିଲାତ ଯାତ୍ରୀ। ଓଡ଼ିଆମାନଙ୍କ ଦୁଃଖଦୁର୍ଦ୍ଦଶାକୁ ମର୍ମେ ମର୍ମେ ଅନୁଭବ କରୁଥିବା କଟକ ବାସଭବନରେ ଶୈଳବାଳା ମହିଳା କଲେଜ ଗଢ଼ି ଉଠିଛି। ୧୯୦୫ ମସିହାରେ ସେ କଟକରେ ଉତ୍କଳ ଟ୍ୟାନେରୀ ନାମକ ଏକ ଜୋତା କାରଖାନା ବସାଇଥିଲେ।